# ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଭଦ୍ରକ

## ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଭଦ୍ରକଙ୍କ ଅଧୀନରେ ୧୫ (ପନ୍ଦର) ଗୋଟି **ପରିଚାରକ (Attendant)** ପଦବୀ ଚୁକ୍ତିଭିତ୍ତିକ ପଦ୍ଧତିରେ ପୂରଣ କରିବା ପାଇଁ ରାଜ୍ୟ ସରକାର ନିଷ୍ପତି ଗ୍ରହଣ କରିଅଛନ୍ତି । ତଦନୁଯାୟୀ ଜାତିଗତ ସଂରକ୍ଷଣଭିତ୍ତିକ ପଦବୀ ପୂରଣ ନିମିତ୍ତ ତାଲିକା ନିମ୍ନରେ ପ୍ରଦାନ କରାଗଲା।।

| ଅଣ ସଂରକ୍ଷିତ ବର୍ଗ (UR) | ଅନୁସୂଚିତ ଜନଜାତି ବର୍ଗ (ST) | ମୋଟ ପଦବୀ |
|---|---|---|
| ୧୨ (ମହିଳା-୪) | ୦୩ (ମହିଳା-୧) | ୧୫(ମହିଳା-୫) |

ମୋଟ ୧୫ (ପନ୍ଦର) ଗୋଟି **ପରିଚାରକ** ପଦବୀ ମଧ୍ୟରୁ ୧ (ଏକ) ଗୋଟି ପଦବୀ ଭିନ୍ନକ୍ଷମ ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ । କୌଣସି ବର୍ଗର ମହିଳା ପ୍ରାର୍ଥିନୀ ନମିଳିଲେ ସେହି ବର୍ଗର ପୁରୁଷ ପ୍ରାର୍ଥୀଙ୍କ ଦ୍ୱାରା ଉକ୍ତ ପଦବୀକୁ ପୂରଣ କରାଯିବ ।

ଇଚ୍ଛୁକ ଯୋଗ୍ୟ ପ୍ରାର୍ଥୀ/ ପ୍ରାର୍ଥିନୀ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଭଦ୍ରକ (Chief District Veterinary Officer, Bhadrak) ଙ୍କୁ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ **ତା-୨୬.୧୨.୨୦୧୮ ରିଖ** ମଧ୍ୟରେ ଆବେଦନ କରିପାରିବେ । ଚୁକ୍ତିଭିତ୍ତିକ ନିଯୁକ୍ତି ସମ୍ବନ୍ଧରେ ଆବଶ୍ୟକୀୟ ସର୍ତ୍ତାବଳୀ ନିମ୍ନରେ ପ୍ରଦାନ କରାଗଲା ।

**ଯୋଗ୍ୟତା:-**କ) ପ୍ରାର୍ଥୀ ଓ ପ୍ରାର୍ଥିନୀ ଓଡିଶା ସରକାରଙ୍କର ସ୍ୱୀକୃତିପ୍ରାପ୍ତ କୌଣସି ଏକ ବିଦ୍ୟାଳୟ ବା ଶିକ୍ଷାନୁଷ୍ଠାନରୁ ମଧ ଇଂରାଜୀ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାରେ କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ।

ଖ)ଜାତୀୟ ଗୋମହିଷାଦି ପ୍ରଜନନ ପ୍ରକଳ୍ପ (NPCBB) ଅଧିନସ୍ଥ କୃତ୍ରିମ ପ୍ରଜନନ କ୍ଷେତ୍ରରେ ଅନ୍ୟୁନ ୩ (ତିନି) ବର୍ଷର ଅଭିଜ୍ଞତା ରହିଥିବ ।

ଗ) ଓଡିଆ ଭାଷା କହି, ପଢି ଓ ଲେଖିପାରୁଥିବେ ।

ଘ)ଉତ୍ତମ ଚରିତ୍ରବାନ ହୋଇଥିବେ ।

ଙ) ବିବାହିତ ହୋଇଥିଲେ ତାଙ୍କର ଏକରୁ ଅଧିକ ସ୍ୱାମୀ/ସ୍ତ୍ରୀ ନଥିବେ ।

ଚ) ଭାରତୀୟ ନାଗରିକ ଓ ଭଦ୍ରକ **ଜିଲ୍ଲାର ସ୍ଥାୟୀ ବାସିନ୍ଦା** ହୋଇଥିବେ ।

**ବୟସ ସୀମା :-**ପ୍ରାର୍ଥୀ / ପ୍ରାର୍ଥିନୀଙ୍କ ବୟସ ତା **୦୧-୦୧-୨୦୧୮ ରିଖ ସୁଦ୍ଧା** ୧୮ ବର୍ଷରୁ ୩୨ ବର୍ଷ ମଧ୍ୟରେ ହୋଇଥିବ । ଅନୁସୂଚିତ ଜାତି/ ଅନୁସୂଚିତ ଜନଜାତି/ ଅନ୍ୟାନ ପଛୁଆବର୍ଗ/ ମହିଳା ପ୍ରାର୍ଥୀ / ପ୍ରାର୍ଥିନୀମାନଙ୍କ କ୍ଷେତ୍ରରେ ସର୍ବୋଚ୍ଚ ବୟସ ସୀମା ୫ ବର୍ଷ କୋହଳ କରାଯିବ । ଉପରୋକ୍ତ ଯୋଗ୍ୟତା ଥିବା ଗୋମିତ୍ର ପ୍ରାର୍ଥୀ / ପ୍ରାର୍ଥିନୀ ମାନଙ୍କ କ୍ଷେତ୍ରରେ ସର୍ବୋଚ୍ଚ ବୟସ ସୀମା ତା.୦୧-୦୧-୨୦୧୮ ରିଖ ସୁଦ୍ଧା **୪୫ ବର୍ଷ** ମଧ୍ୟରେ ହୋଇଥିବା ଆବଶ୍ୟକ ।

**ଶାରୀରିକ ଯୋଗ୍ୟତା :-**

(କ)ପ୍ରାର୍ଥୀ / ପ୍ରାର୍ଥିନୀଙ୍କର ଉତ୍ତମ ମାନସିକ ସ୍ଥିତି ଓ ଉତ୍ତମ ଶାରିରୀକ ସ୍ୱାସ୍ଥ୍ୟ ଥିବା ସଂଙ୍ଗେ ସଂଙ୍ଗେ କୌଣସି ଶାରିରୀକ ତ୍ରୁଟି ନଥିବା ଆବଶ୍ୟକ ଯାହାକି **ପରିଚାରକ** କାର୍ଯ୍ୟ ସଂପାଦନ କରିବାରେ ବାଧକ ହେବ । ପରବର୍ତ୍ତୀ ସମୟରେ ପ୍ରାର୍ଥୀ / ପ୍ରାର୍ଥିନୀ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ଡାକ୍ତରୀ ସ୍ୱାସ୍ଥ୍ୟ ପରୀକ୍ଷାରେ ସନ୍ତୋଷଜନକ ନ ହେଲେ ସେମାନଙ୍କୁ ନିଯୁକ୍ତି ଦିଆଯିବ ନାହିଁ ।

(ଖ)ଉଚ୍ଚତା ପାଞ୍ଚ ଫୁଟରୁ କମ ହୋଇନଥିବ । ପୁରୁଷ ପ୍ରାର୍ଥୀ ମାନଙ୍କ କ୍ଷେତ୍ରରେ ଅଣ ସମ୍ପ୍ରସାରିତ ଛାତିର ଚଉଡା ୩୦ ଇଞ୍ଚ ହୋଇଥିବା ଆବଶ୍ୟକ । (ଗ) ପ୍ରାର୍ଥୀ / ପ୍ରାର୍ଥିନୀ ସାଇକେଲ ଚଳାଇବା ଜାଣିଥିବେ ।

**ଚୟନ ପ୍ରଣାଳୀ**

ଚୟନ ପ୍ରଣାଳୀରେ ମୋଟ ୧୦୦ ନମ୍ବର ବିଚାରକୁ ନିଆଯାଇ, ତନ୍ମଧ୍ୟରୁ ସର୍ବାଧିକ ୫୦ ନମ୍ବର କୃତିମ ପ୍ରଜନନର ଅଭିଜ୍ଞତା ନିମନ୍ତେ ପ୍ରଦାନ କରାଯିବ ଯାହା କି NPCBB ଅଧୀନରେ କୃତିମ ପ୍ରଜନନ କ୍ଷେତ୍ରରେ କାର୍ଯ୍ୟ କରିବାର ପ୍ରଥମ ତିନି ବର୍ଷର ଅଭିଜ୍ଞତା ପାଇଁ ୩୦ ନମ୍ବର ଓ ତା ପରବର୍ତ୍ତୀ ପ୍ରତି ଏକ ବର୍ଷର ଅଭିଜ୍ଞତା ପାଇଁ ଅଧିକ ୫ ନମ୍ବର ଲେଖାଏଁ(ସର୍ବାଧିକ ସୀମା ୫୦ ନମ୍ବର )ପ୍ରଦାନ କରାଯିବ । ଅବଶିଷ୍ଟ ୫୦ ନମ୍ବର ପାଇଁ ଓଡିଆ ଭାଷାରେ ଲେଖି ପଢି ଜାଣିଥିବାର ଲିଖିତ ପରୀକ୍ଷା କରାଯିବ ।

ପ୍ରାର୍ଥୀ /ପ୍ରାର୍ଥିନୀ ନିମ୍ନ ନିର୍ଦ୍ଧାରିତ ଫର୍ମ ଅନୁଯାୟୀ ପୂରଣ ହୋଇଥିବା ଆବେଦନ ପତ୍ର ଓ ଆବଶ୍ୟକୀୟ ପ୍ରମାଣ ପତ୍ରର ଅବିକଳ ନକଲ (Self Attested Xerox copy)ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଭଦ୍ରକ (**Chief District Veterinary Officer, Bhadrak, Po/Dist-Bhadrak, Pin-756100)** ଙ୍କ କାର୍ଯାଳୟରେ ଡାକ ଦ୍ୱାରା କିମ୍ବା ବ୍ୟକ୍ତିଗତ ଭାବେ ଦାଖଲ କରିପାରିବେ । ଦରଖାସ୍ତ ପଠାଇବା ଲଫାପା ଉପରେ **"ଚୁକ୍ତି ଭିତ୍ତିକ ପରିଚାରକ ପଦବୀ ନିମନ୍ତେ ଦରଖାସ୍ତ"**ଲେଖାଯିବା ଆବଶ୍ୟକ । **ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ- ତା.୨୬.୧୨.୨୦୧୮** ରିଖ **ଅଟେ** । ନିର୍ଦ୍ଧାରିତ ଶେଷ ତାରିଖର ଅପରାହ୍ନ ୫ ଘଟିକା ସମୟ ସୁଧା ଦରଖାସ୍ତ ସମ୍ପୃକ୍ତ କର୍ଯ୍ୟାଳୟରେ ନ ପହଂଚିଲେ ତାହା ଗ୍ରହଣ କରାଯିବ ନାହିଁ । ଡାକ ଦ୍ୱାରା ପଠାଯାଇଥିବା ଦରଖାସ୍ତ ବିଳମ୍ବରେ ପହଂଚିଲେ କର୍ତୃପକ୍ଷ ଦାୟୀ ରହିବେ ନାହିଁ । ଅସମ୍ପୂର୍ଣ୍ଣ / ଆବଶ୍ୟକୀୟ ପ୍ରମାଣ ପତ୍ର ନ ଥାଇ ଦାଖଲ ହୋଇଥିବା ଦରଖାସ୍ତ ଗୁଡିକ ନାକଚ ହୋଇଯିବ ।

**ପ୍ରକାଶ ଥାଉକି ଯେକୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କର ସଂରକ୍ଷିତ ରହିଅଛି ।**

# ଦରଖାସ୍ତ ଫର୍ମ
## (ଦରଖାସ୍ତ କେବଳ ଆବେଦନକାରୀଙ୍କ ଦ୍ୱାରା ପୂରଣ ହେବ)

୧. ପ୍ରାର୍ଥୀ /ପ୍ରାର୍ଥିନୀଙ୍କ ନାମ-- :

୨. ପିତା /ସ୍ୱାମୀଙ୍କ ନାମ-- :

ଫଟୋ

୩. ସ୍ଥାୟୀ ଠିକଣା--ଗ୍ରାମ............................ ପୋ............................ଭାୟା----------------------

ବ୍ଲକ୍.------ ---------------ଜିଲ୍ଲା----------------------ପିନ----------------------

୪. ଯୋଗାଯୋଗ ଠିକଣା-- ଗ୍ରାମ............................ ପୋ............................ଭାୟା..........................

ବ୍ଲକ୍.------ ---------------ଜିଲ୍ଲା----------------------ପିନ----------------------------

ଫୋନ୍ ନଂ------------------------------------------

୫.ପୁରୁଷ/ମହିଳା-- ୬.ବିବାହିତ/ଅବିବାହିତ--

୭.ଜନ୍ମ ତାରିଖ- ୮.ବୟସ(୦୧.୦୧.୨୦୧୮ ସୁଦ୍ଧା)-- :

୯.ଜାତୀୟତା- ୧୦. ଜାତି (SC/ST/GEN)--

୧୧. ଶିକ୍ଷାଗତ ଯୋଗ୍ୟତା--

୧୨. ଉଚ୍ଚତା- ୧୩. ଅଣସମ୍ପ୍ରସାରିତ ଛାତିର ଚଉଡା(ଇଞ୍ଚରେ)--

୧୪.NPCBB ଅଧିନରେ ଗୋମିତ୍ର ଭାବରେ ଯୋଗଦାନର ତାରିଖ--

୧୫.କୃତ୍ରିମ ପ୍ରଜନନରେ ଅଭିଜ୍ଞତାର ସମୟ-

**ମୁଁ ଏତଦ୍ୱାରା ଘୋଷଣା କରୁଅଛିକି ଉପରୋକ୍ତ ପ୍ରଦତ୍ତ ସମସ୍ତ ତଥ୍ୟ ମୋ ଜ୍ଞାତସାରରେ ନିର୍ଭୁଲ ଓ ସତ୍ୟ ଅଟେ ।**

ତାରିଖ- ପ୍ରାର୍ଥି/ ପ୍ରାର୍ଥୀନୀଙ୍କ ସ୍ୱାକ୍ଷର

**ଆବେଦନ ପତ୍ର ସହ ଦାଖଲ କରିବାକୁ ଥିବା ପ୍ରମାଣ ପତ୍ର**

୧. ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ରର ନିଜ ଦ୍ୱାରା ପ୍ରତିସ୍ୱାକ୍ଷରିତ ନକଲ

୨. ବୟସ ପ୍ରମାଣ ପତ୍ର ର ନିଜ ଦ୍ୱାରା ପ୍ରତିସ୍ୱାକ୍ଷରିତ ନକଲ

୩. ଜାତିଗତ ପ୍ରମାଣପତ୍ରର ନିଜ ଦ୍ୱାରା ପ୍ରତିସ୍ୱାକ୍ଷରିତ ନକଲ

୪. ଚରିତ୍ର ପ୍ରମାଣପତ୍ର (୨ ଜଣ ଗେଜେଟେଡ ଅଫିସରଙ୍କ ଦ୍ୱାରା ପ୍ରଦତ୍ତ )

୫. ସ୍ଥାନୀୟ ତହସିଲଦାରଙ୍କ ଠାରୁ ହାଲ ସ୍ଥାୟୀ ବାସିନ୍ଦାର ପ୍ରମାଣ ପତ୍ରର ନିଜ ଦ୍ୱାରା ପ୍ରତିସ୍ୱାକ୍ଷରିତ ନକଲ

୬.ଏନପିସିବିବି (NPCBB) ଅଧୀନସ୍ଥ କୃତ୍ରିମ ପ୍ରଜନନ କ୍ଷେତ୍ରରେ ଅଭିଜ୍ଞତାର ୩ (ତିନି)ବର୍ଷ ବା ତଦୁର୍ଦ୍ଧ ସମୟର ପ୍ରମାଣ ପତ୍ର (ଜିଲ୍ଲା ମୁଖ୍ୟ ପ୍ରାଣିଚିକିତ୍ସା ଅଧିକାରୀଙ୍କ ଠାରୁ) ।

୭. ନିଜ ଦ୍ୱାରା ପ୍ରତିସ୍ୱାକ୍ଷରିତ ୨ଟି ପାସପୋର୍ଟ ଆକାରର ଫଟୋ (ଗୋଟିଏ ଦରଖାସ୍ତ ଫର୍ମର ନିର୍ଦ୍ଦିଷ୍ଟ ସ୍ଥାନରେ ଅଠା ଦେଇ ଲଗାଇବେ ଓ ଅନ୍ୟଟି ଦରଖାସ୍ତ ସହିତ ସଂଯୁକ୍ତ କରିବେ)

ସ୍ୱା

**ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ,**

ଭଦ୍ରକ